# NATIONAL NEWS BULLETIN (ODIA)
## 15 June - 2026
## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ଶୀଘ୍ର କାର୍ଯ୍ୟାନ୍ୱୟନ ନେଇ ଉଭୟ ଭାରତ-ସ୍ଲୋଭାକିଆ ମିଳିତ ଭାବେ କାର୍ଯ୍ୟ କରିବା ନେଇ ଆଶାବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ।

– ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୧୧ଟି ଚୁକ୍ତି ସ୍ୱାକ୍ଷରିତ ।

- ଦେଶରେ ପ୍ରଥମଥର ପାଇଁ କାର୍ଯ୍ୟକାରୀ ହେଲା ପବନ ଟର୍ବାଇନ୍ ଯୋଗାଣ ଶୃଙ୍ଖଳ ପରିଚାଳନା ପୋର୍ଟାଲ୍ ।

- ଆନନ୍ଦ ଓ ଉଲ୍ଲାସର ସହ ଆଜି ପାଳନ କରାଯାଉଛି ରଜ ସଂକ୍ରାନ୍ତୀ ।

– ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ।

- ରୁଷର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ରେ ୟୁକ୍ରେନ୍‌ରେ ୧୧ ଜଣଙ୍କର ମୃତ୍ୟୁ ।

ଏବଂ

- ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ ଆଜି ସ୍ପେନ୍ ଓ କାବୋଭର୍ଦେ ମଧ୍ୟରେ ହେବ ମୁକାବିଲା ।

# ପିଏମ୍-ଆଡ୍ରେସ୍ ସ୍ଲୋଭାକିଆ

ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାର ଅଗ୍ରଗତି ସମ୍ପର୍କରେ ସ୍ଲୋଭାକିଆର ସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସ୍ଲୋଭାକିଆ ପ୍ରତିପକ୍ଷ ରବର୍ଟ୍ ଫିକୋଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଏହି ଚୁକ୍ତିର ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ । ବ୍ରାଟିସ୍ଲାଭାଠାରେ ଆଜି ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ୟୁରୋପୀୟ ସଂଘ ସହ ଏହି ଚୁକ୍ତିନାମା ଭାରତ ଏବଂ ସ୍ଲୋଭାକିଆ ମଧ୍ୟରେ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କର ନୂତନ ମାର୍ଗ ଉନ୍ମୋଚନ କରିବ । ପ୍ରଯୁକ୍ତିବିଦ୍ୟାର ବ୍ୟାପକତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଭବିଷ୍ୟତର ସହଭାଗିତାର ଏହା ଏକ ପ୍ରମୁଖ ମାଧ୍ୟମ ପାଲଟିବ । ଉଭୟ ଦେଶ ମଧ୍ୟରେ ହୋଇଥିବା ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଆଧାରିତ ବୁଝାମଣାପତ୍ର ଏ କ୍ଷେତ୍ରରେ ସାର୍ବଜନୀନ ଭିତ୍ତିଭୂମି

ଏବଂ ନବସୃଜନ ନେତୃତ୍ୱାଧୀନ ସହଯୋଗକୁ ଅଧିକ ଗତିଶୀଳ କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

ପ୍ରତିରକ୍ଷା ସହଯୋଗ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ପରସ୍ପରିକ ବିଶ୍ୱାସ ଏବଂ ରଣନୈତିକ ସହଭାଗିତାକୁ ଏହା ପ୍ରତିଫଳିତ କରୁଛି ।

**VO-1--NEW-PM-ON-DEFENCE**

ଶ୍ରୀ ମୋଦୀ କହିଛନ୍ତି, ଉଭୟ ଦେଶ ଆନ୍ତର୍ଜାତିକ ସ୍ତରରେ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି । ସମସ୍ତ ପ୍ରକାର ବିବାଦ ଏବଂ ସଂଘର୍ଷକୁ ଶାନ୍ତିପୂର୍ଣ୍ଣ ଭାବେ ସମାଧାନ କରିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ସ୍ଲୋଭାକିଆ ବିଶ୍ୱବିଦ୍ୟାଳୟରେ କୃତ୍ରିମ ବୁଦ୍ଧିମତା ଆଧାରିତ ଏକ ଭାରତ ଚେୟାର୍ ପ୍ରତିଷ୍ଠା ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି, ନବସୃଜନ ସହିତ ବିଶ୍ୱାସ, ଦାୟିତ୍ୱ ଏବଂ ମାନବିକ ମର୍ଯ୍ୟାଦା ଉପରେ ଏ.ଆଇ.ର ଭବିଷ୍ୟତ ନିର୍ଭର କରିବ । ପ୍ରବାସୀ ଭାରତୀୟ' ସ୍ଲୋଭାକିଆର ଅର୍ଥନୀତି ଏବଂ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରୁଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହି ଗସ୍ତକୁ ଐତିହାସିକ ଭାବେ ବର୍ଣ୍ଣନା କରି ଶ୍ରୀ ମୋଦୀ କହିଛନ୍ତି, ସ୍ଲୋଭାକିଆକୁ ଏହା କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ ।

ଦ୍ୱିପାକ୍ଷିକ ସମ୍ପର୍କ ଏବଂ ବ୍ୟାପକ ସହଭାଗିତାକୁ ଉନ୍ନତ କରିବା ପାଇଁ ଉଭୟ ଦେଶ ସହମତ ହୋଇଥିବା ଶ୍ରୀ ମୋଦୀ କହିଛନ୍ତି ।

ସ୍ଲୋଭାକିଆ ପ୍ରଧାନମନ୍ତ୍ରୀ ରବର୍ଟ୍ ଫିକୋ ଭାରତର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି, ଡିଜିଟାଲ୍ ପରିବର୍ତ୍ତନ ଏବଂ କୃତ୍ରିମ ବୁଦ୍ଧିମତାର ବ୍ୟାପକତାକୁ ପ୍ରଶଂସା କରିଛନ୍ତି । ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ ସେ ସମର୍ଥନ ଜ୍ଞାପନ କରିଛନ୍ତି ।

## ପିଏମ୍-ସ୍ଲୋଭାକିଆ କ୍ୱାଣ୍ଟମ୍

ଭାରତ ଓ ସ୍ଲୋଭାକିଆ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ୧୧ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ଲୋକସମ୍ପର୍କ, ଉଚ୍ଚଶିକ୍ଷା, କ୍ୱାଣ୍ଟମ୍ ଯୋଗାଯୋଗ, ପ୍ରବାସୀ ଶ୍ରମ କ୍ଷେତ୍ର ଆଦି ଏଥିରେ ଅନ୍ତର୍ଭୁକ୍ତ । ଉଭୟ ଦେଶ ପରମାଣୁ ଶକ୍ତି, ଭୂ-ତାପଜ ଦକ୍ଷତା ଆଦି ଶକ୍ତି ଉତ୍ସ ଗୁଡ଼ିକର ବିବିଧତା ମାଧ୍ୟମରେ ଶକ୍ତି ସୁରକ୍ଷା, ସ୍ଥାୟୀତ୍ୱ ଏବଂ ସ୍ଥିରତାକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଦ୍ୱିପାକ୍ଷିକ ସହଯୋଗ ସଶକ୍ତ କରିବାକୁ ସହମତ ହୋଇଛନ୍ତି ।

# ପ୍ରହଲ୍ଲାଦ୍ ଯୋଶୀ–ୱିଣ୍ଡ ଟର୍‌ବାଇନ୍

ଦେଶର ନବୀକରଣୀୟ ଶକ୍ତି କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଆଜି ପ୍ରଥମ ପବନ ଟର୍‌ବାଇନ୍ ଯୋଗାଣ ଶୃଙ୍ଖଳ ପରିଚାଳନା ପୋର୍ଟାଲ୍ କାର୍ଯ୍ୟକାରୀ ହୋଇଛି । ଗୋଆରେ ଆୟୋଜିତ ବିଶ୍ୱ ପବନ ଦିବସ ୨୦୨୬ ଜାତୀୟ ସମ୍ମିଳନୀରେ ଯୋଗଦେଇ ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହଲାଦ୍ ଯୋଶୀ ଏହାର ଶୁଭାରମ୍ଭ କରିଛନ୍ତି । ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ଏବଂ ଭାରତୀୟ ପବନ ଟର୍‌ବାଇନ୍ ନିର୍ମାତା ସଂଘ ମିଳିତ ଭାବେ ଏହି ପୋର୍ଟାଲ୍‌କୁ ବିକଶିତ କରିଛନ୍ତି ।

ପବନ ଶକ୍ତି ଯୋଗାଣ ଶୃଙ୍ଖଳକୁ ଏହା ଅଧିକ ସୁଗମ ତଥା ସୁ-ବ୍ୟବସ୍ଥିତ କରିବ ବୋଲି ଆଶା କରାଯାଉଛି । ଏ କ୍ଷେତ୍ରରେ ଘରୋଇ ଅଂଶିଦାରଙ୍କ ସାମିଲ ହେବା ଅଧିକ ସହଜ ହେବା ସହ ଡାଟା ସୁରକ୍ଷା କ୍ଷେତ୍ର ବୃଦ୍ଧି ପାଇବ । ପବନ ଶକ୍ତି କ୍ଷେତ୍ରରେ ଦେଶର ଅଭିବୃଦ୍ଧି ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି, ଗତ ଆର୍ଥିକ ବର୍ଷରେ ଦେଶର ପବନ ଶକ୍ତି କ୍ଷମତା ରେକର୍ଡ଼ ପରିମାଣ ୬ ଦଶମିକ୍ ୧ ଗିଗା ୱାଟ୍ ବୃଦ୍ଧି ପାଇଛି । ବର୍ଷକ ମଧ୍ୟରେ ଏହି କ୍ଷେତ୍ରରେ ୪୬ ପ୍ରତିଶତ ଅଭିବୃଦ୍ଧି ଘଟି ମୋଟ୍ ୫୬ ଦଶମିକ୍ ୧ ଗିଗାୱାଟ୍‌କୁ ଅତିକ୍ରମ କରିଛି ।

ଏହି ସଫଳତା ସହିତ ଭାରତ ବିଶ୍ୱର ଚତୁର୍ଥ ବୃହତମ ପବନ ଶକ୍ତି କ୍ଷେତ୍ର ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି । ଏହି ଆର୍ଥିକ ବର୍ଷ ମଧ୍ୟରେ ଦେଶର ପବନ ଟର୍‌ବାଇନ୍ ଏବଂ ଏହା ସହିତ ଜଡ଼ିତ ସାମଗ୍ରୀଗୁଡ଼ିକର ରପ୍ତାନୀ ୧୨ ହଜାର କୋଟି ଟଙ୍କା ଅତିକ୍ରମ କରିଛି । ବିଶ୍ୱ ନବୀକରଣୀୟ ଶକ୍ତି କ୍ଷେତ୍ରରେ ଭାରତର ବର୍ଦ୍ଧିଦ ଚାହିଦାକୁ ଏହା ପ୍ରତିଫଳିତ କରୁଛି । ସମାରୋହରେ ଯୋଗଦେଇ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଏକ ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିବିଦ୍ୟାର ଗ୍ରହଣୀୟତା ମାଧ୍ୟମରେ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହାସଲ କରିବା ନେଇ ଭାରତର ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଛନ୍ତି ।

## ରଜ ସଂକ୍ରାନ୍ତୀ

ତିନିଦିନିଆ ରଜ ମହୋତ୍ସବର ଦ୍ୱିତୀୟ ଦିନକୁ ଆଜି ରଜ ସଂକ୍ରାନ୍ତୀ ଭାବେ ପାଳନ କରାଯାଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ସାମାଜିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରଜ ପର୍ବ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି ପର୍ବ ଆନନ୍ଦ ଏବଂ ସୌହାର୍ଦ୍ଦ୍ୟର ବନ୍ଧକୁ ଅଧିକ ସୁଦୃଢ଼ କରିଥାଏ । ଶ୍ରୀ

ମୋଦୀ ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ମଙ୍ଗଳକାମନା କରିଛନ୍ତି । ଧରିତ୍ରୀ ଓ ପ୍ରକୃତିର ବନ୍ଦନାର ଏହି ମହାନ ପର୍ବ ସମସ୍ତଙ୍କ ଜୀବନକୁ ସୁଖ, ଶାନ୍ତି ଓ ପ୍ରଗତିରେ ଆଲୋକିତ କରୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଜ ସଂକ୍ରାନ୍ତୀ ଅବସରରେ ରାଜ୍ୟବାସୀଙ୍କୁ ଶୁଭକାମନା ଜଣାଇ କହିଛନ୍ତି। ଆସନ୍ତାକାଲି ଭୂମିଦହନ ପାଳନ କରାଯିବ।

## ରୁଷ-ୟୁକ୍ରେନ୍

ରୁଷ ଗତକାଲି ରାତିରେ କିଭ୍ ଏବଂ ଖାର୍‌କିଭ୍ ସହର ଉପରେ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି କହିଛନ୍ତି । ବହୁପରିମାଣରେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ୧୧ ଜଣଙ୍କର ମୃତ୍ୟୁ ହେବା ସହ ଏକ ଧାର୍ମିକ ସ୍ଥଳୀରେ ନିଆଁ ଲାଗିଯାଇଥିବା ସେ କହିଛନ୍ତି । ଶ୍ରୀ ଜେଲେନେସ୍କି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ପୃଥକ ପୃଥକ ଭାବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିଥିବା ସୂଚନା ମିଳିଛି । ତେବେ ଏହି ଆଲୋଚନା ପରେ ରୁଷ' ୟୁକ୍ରେନ୍‌ର ଏହି ଦୁଇଟି ସହର ଉପରେ ଆକ୍ରମଣ କରିଛି । ଫ୍ରାନ୍ସରେ ଆୟୋଜିତ ହେଉଥିବା ଜି-୭ ଶିଖର ସମ୍ମିଳନୀରେ ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗ ସ୍ଥାନ ପାଇବାର ସମ୍ଭାବନା ରହିଛି ।

## ବିର୍ଲା-ୟୁଥ୍ ପାର୍ଲାମେଣ୍ଟ

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ବିକଶିତ ଭାରତ ଯୁବ ସଂସଦ ୨୦୨୬ ଆୟୋଜନ କରାଯାଇଛି । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆସନ୍ତାକାଲି ଏହାର ଉଦ୍‌ଘାଟନ କରିବେ । ମନ୍ତ୍ରଣାଳୟ କହିଛି, ଗଣତାନ୍ତ୍ରିକ ପ୍ରକ୍ରିୟା ସହିତ ଯୁବ ବର୍ଗଙ୍କୁ ସାମିଲ କରିବା ଏବଂ ସୁ-ଶାସନ, ନୀତିନିୟମ ତଥା ସଂସଦୀୟ କାର୍ଯ୍ୟକାରିତା ବିଷୟରେ ସେମାନଙ୍କୁ ବ୍ୟାବହାରିକ ସୂଚନା ପ୍ରଦାନ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ । ଦେଶର ଯୁବବର୍ଗଙ୍କ ଦକ୍ଷତା, ଚିନ୍ତାଧାରା ଏବଂ ଆକାଂକ୍ଷାକୁ ଏକ ଜାତୀୟ ଆଲୋଚନାରେ ପ୍ରତିଫଳନ କରିବା ଲକ୍ଷ୍ୟ ନେଇ ଏହି ସମ୍ମିଳନୀର ଆୟୋଜନ କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ଜିତେନ୍ଦ୍ର-୧୨ ଇୟର୍ସ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଗତ ୧୨ ବର୍ଷ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଦେଶର ବିକାଶ ଯାତ୍ରାର ଏକ ପ୍ରମୁଖ ସ୍ତମ୍ଭ ପାଲଟିଛି । ସ୍ୱଚ୍ଛ ଶାସନ, ନବସୃଜନ ଏବଂ ଜନକଲ୍ୟାଣର ଏହା ପ୍ରମୁଖ କ୍ଷେତ୍ର ପାଲଟିଛି । ନୂଆଦିଲ୍ଲୀରେ ଦେଶର ସେବାରେ ୧୨ ବର୍ଷର ବିଜ୍ଞାନ ପ୍ରସଙ୍ଗ ଆଧାରିତ ସାମ୍ବାଦିକ ସମ୍ମିଳନୀକୁ

ସମ୍ବୋଧନ କରି ଡକ୍ଟର ସିଂହ କହିଛନ୍ତି, ବିଜ୍ଞାନ ନେତୃତ୍ୱାଧୀନ ବିକାଶ ଉପରେ ସରକାର ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି । ଫଳରେ ପ୍ରଯୁକ୍ତିବିଦ୍ୟାକୁ ପ୍ରମୁଖ ଜାତୀୟ ମିଶନ୍ ଏବଂ କାର୍ଯ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରାଯାଇପାରିଛି । ଜୈବ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରର ଅଭିବୃଦ୍ଧି ଉପରେ ଆଲୋକପାତ କରି ମନ୍ତ୍ରୀ ଡକ୍ଟର ସିଂହ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଦେଶର ଜୈବ ଅର୍ଥନୀତିରେ ଉଲ୍ଲେଖନୀୟ ପ୍ରସାର ଘଟିଛି ।

ବିଜ୍ଞାନ ପ୍ରତିଷ୍ଠାନଗୁଡ଼ିକ ଇତିମଧ୍ୟରେ ଅନେକ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ସଫଳତା ହାସଲ କରିଛନ୍ତି । ମହାକାଶ, ଭିତ୍ତିଭୂମି ଏବଂ ପରମାଣୁ କ୍ଷେତ୍ରରେ ସଂସ୍କାର ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ଅଧିକ ବ୍ୟାପକ କରିବା ସହ ଦେଶର ବୈଜ୍ଞାନିକ ଇକୋସିଷ୍ଟମ୍‌କୁ ମଜବୁତ କରିଛି ବୋଲି ଡକ୍ଟର ସିଂହ କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଯୋଗର ଉପକାରିତା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଯୋଗ ବିଶେଷଜ୍ଞ ଅନିତା କୌଶିକ ଏବଂ କମଲ୍ କିଶୋର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ

ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଏନ୍‌ସିସି-ଡାଇରେକ୍ଟୋରେଟ୍ସ

ଆନ୍ଧ୍ରପ୍ରଦେଶ ଏବଂ ଝାଡ଼ଖଣ୍ଡ ରାଜ୍ୟ ପାଇଁ ନୂତନ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ – ଏନ୍.ସି.ସି. ରାଜ୍ୟ ନିର୍ଦ୍ଦେଶାଳୟ ସୃଷ୍ଟି ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁମୋଦନ ପ୍ରଦାନ କରିଛି । ଏଥିସହ ଦେଶରେ ଏନ୍.ସି.ସି. ରାଜ୍ୟ ନିର୍ଦ୍ଦେଶାଳୟ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ନୂତନ ନିର୍ଦ୍ଦେଶାଳୟଗୁଡ଼ିକ ଅଧିକ ଏନ୍.ସି.ସି. କ୍ୟାଡେଟ୍‌କୁ ଗଣତନ୍ତ୍ର ଦିବସ ପରେଡ୍ ଶିବିର ଏବଂ ଅଲ୍ ଇଣ୍ଡିଆ ଥଲ ସୈନିକ ଶିବିର ଭଳି କେନ୍ଦ୍ରୀୟ ସଂଗଠିତ ଶିବିରଗୁଡ଼ିକରେ ଅଂଶଗ୍ରହଣ କରିବାକୁ ସୁଯୋଗ ପ୍ରଦାନ କରିବ । ପର୍ବତାରୋହଣ ଅଭିଯାନ, ଟ୍ରେକିଂ, ପାରାସେଲିଂ ସମେତ ସାମରିକ ତାଲିମ୍ ଓ ଦୁସାହସିକ କାର୍ଯ୍ୟକଳାପରେ ଏହି ରାଜ୍ୟର ଏନ୍.ସି.ସି. କ୍ୟାଡେଟ୍‌ମାନଙ୍କୁ ଯୋଗଦେବା ପାଇଁ ସୁଯୋଗ ପ୍ରଦାନ କରିବ ।

# ଫିଫା-ୱାର୍ଲ୍ଡକପ୍

ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ ଆଜି ଗ୍ରୁପ୍-ଏଚ୍' ପର୍ଯ୍ୟାୟ ମ୍ୟାଚ୍‌ରେ ସ୍ପେନ୍ ଓ କାବୋଭର୍ଦେ ମଧ୍ୟରେ ମୁକାବିଲା ହେବ । ଆଜି ଖେଳାଯାଇଥିବା ଗ୍ରୁପ୍-ଏଫ୍' ପର୍ଯ୍ୟାୟ ମ୍ୟାଚ୍‌ରେ ସ୍ୱିଡେନ୍ ଟ୍ୱିନିସିଆକୁ ୫-୧ ଗୋଲ୍‌ରେ ପରାସ୍ତ କରିଛି ।